# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15th January - 2025

*************************************

## ମୁଖ୍ୟ ସମ୍ବାଦ

- ଗଣଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ନେଇ ପ୍ରକାଶ ପାଇଲା ବିଜ୍ଞପ୍ତି ।

- ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବାପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆରମ୍ଭ କଲା ଡିଜି ଲକର୍ ବ୍ୟବସ୍ଥା ।

- ରାଜ୍ୟରେ ଆଜିଠାରୁ ଲାଗୁ ହେଲା ମଧୁବାବୁ ପେନ୍‌ସନ ଓ ଜାତୀୟ ସୁରକ୍ଷା ଯୋଜନାର ବର୍ଦ୍ଧିତ ଭତ୍ତା ।

- ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ସ୍ୱାଭାବିକ ହେଲା ନୀତିକାନ୍ତି ।

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ୟୁପି ରୁଦ୍ରସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଆଉ କିଛି ସମୟ ପରେ ଖେଳାଯିବ ମ୍ୟାଚ୍ ।

— ରାଞ୍ଚି ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଜାରି ।

*Desk*

# ଜାତୀୟ ଶିକ୍ଷାନୀତି

ରାଜ୍ୟରେ ଜାତୀୟ ଶିକ୍ଷାନୀତି - ଏନ୍.ଇ.ପି. ୨୦୨୦ ଲାଗୁ କରିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନିଆଯାଇ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

*Desk*

# ଡିଜି ଲକର୍

ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟକୁ ରୋକିବାକୁ ନେଇ  ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଗାମୀ ବୋର୍ଡ ପରୀକ୍ଷାରେ ଡିଜି ଲକର୍ ବ୍ୟବସ୍ଥା  ଆରମ୍ଭ କରାଯିବ । ପରୀକ୍ଷାମୂଳକ ଭାବେ ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେଉଥିବା ଡିଜି ଲକର୍ ବ୍ୟବସ୍ଥା ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା - OSSTETରେ ଲାଗୁ କରାଯିବ । ବୋର୍ଡ଼ ଅଫିସରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଇବାରେ ଏହି ବ୍ୟବସ୍ଥା ବିଶେଷ ସହାୟକ ହେବ ।

ସୂଚନା ଅନୁସାରେ, ବୋର୍ଡ଼ ପରୀକ୍ଷାପାଇଁ ୧୮୩ଟି ନୋଡାଲ୍ ସେଣ୍ଟର୍‌କୁ ପ୍ରଶ୍ନପତ୍ର ପଠାଯିବା ବାକ୍ସକୁ ଡିଜି ଲକର୍ ସହ ସଂଯୋଗ କରାଯିବ । ଏ ସମ୍ପର୍କରେ ସୂଚନା ଦେଇ ବୋର୍ଡ଼ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି :

***Voice :........***

ବୋର୍ଡ଼ ପକ୍ଷରୁ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବାପାଇଁ ପ୍ରଶ୍ନପତ୍ରର ସବୁ ପୃଷ୍ଠାରେ ୱାଟର ମାର୍କ ଲଗାଯିବା ନେଇ ଗତକାଲି ନିଷ୍ପତ୍ତି ନିଆଯାଇଥିଲା । ଯେଉଁଥିରେ ପରୀକ୍ଷାର୍ଥୀଙ୍କ ରୋଲନମ୍ବର ଏବଂ ପରୀକ୍ଷା କେନ୍ଦ୍ର ବିଷୟରେ ଜାଣି ହେବ । ପରୀକ୍ଷାକୁ ସ୍ୱଚ୍ଛତା ଏବଂ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଦୂର କରିବା ପାଇଁ ବୋର୍ଡ ପକ୍ଷରୁ ଏହି ଦୁଇ ପଦକ୍ଷେପ ନିଆଯାଇଛି ।

***Desk***

## ମୁଖ୍ୟମନ୍ତ୍ରୀ – ବର୍ଦ୍ଧିତ ଭତ୍ତା ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି ଜନସେବା ଦିବସ ଅବସରରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ସାମାଜିକ ସୁରକ୍ଷା ଓ ପେନ୍‌ସନ୍ ଯୋଜନାରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଲୋକଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ମଧୁବାବୁ ପେନ୍‌ସନ ଯୋଜନା ଓ ଜାତୀୟ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମ ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବର୍ଦ୍ଧିତ

ଭତ୍ତା ବାବଦରେ ମାସିକ ୩ ହଜାର ୫ ଶହ ଟଙ୍କା ପ୍ରଦାନ କରାଯିବ । ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ସମ୍ମାନ ପ୍ରଦାନ କରୁଥିବା ସମାଜକୁ' ଆଦର୍ଶ ସମାଜ କୁହାଯାଏ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକ ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇବେ । ସରକାରୀ ସୂଚନା ଅନୁସାରେ ରାଜ୍ୟର ୪ଲକ୍ଷ ୭୭ ହଜାର ୪୯୬ ଜଣ ହିତାଧିକାରୀ ଏହି ଯୋଜନାରେ ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଅପରାହ୍ଣରେ ବଡବିଲ ମହୋତ୍ସବ ରୌପ୍ୟ ଜୟନ୍ତୀ  କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

***Desk***

# ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ରବିବାର ପୂର୍ବାହ୍ଣ ୧୧ ଟାସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର

ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

## ସେନା ଦିବସ

ଭାରତୀୟ ସୈନିକଙ୍କ ବୀରତ୍ୱ, ପ୍ରତିବଦ୍ଧତା ଓ ଦେଶମାତୃକା ପ୍ରତି ସେମାନଙ୍କ ସେବାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଦେଶ ଆଜି ୭୭ତମ ସେନା ଦିବସ ପାଳନ କରୁଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ କୃତଜ୍ଞ ଦେଶ' ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଦେଶର ପ୍ରଗତି ଦିଗରେ ଯବାନମାନଙ୍କର ଅମୂଲ୍ୟ ଯୋଗଦାନ ଯୋଗୁଁ ଏକ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରିଛି ।

ଭାରତୀୟ ସେନାର ସାହସକୁ ଦେଶ ସମ୍ମାନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ସେନା ଦିବସ ଅବସରରେ ବାର୍ତ୍ତାରେ କହିଛନ୍ତି, ସୈନ୍ୟବାହିନୀର ଅଦମ୍ୟ ସାହସ, ସମର୍ପଣ ଓ ନିଷ୍ଠାପର ସେବାପାଇଁ ଦେଶ ସର୍ବଦା କୃତଜ୍ଞ ରହିବ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଦେଶର ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସେନା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ।

# ଲିଙ୍ଗରାଜ ମନ୍ଦିର

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ନୀତିକାନ୍ତି ସ୍ୱାଭାବିକ ହୋଇଥିବା ନେଇ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ବୈଠକରୁ ସୂଚନା ମିଳିଛି । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ହୋଇଥିବା ବୈଠକରେ ମହାପ୍ରଭୁଙ୍କର ନୀତିକାନ୍ତି ସୁରୁଖୁରୁରେ କରିବା ନେଇ ନିଷ୍ପତ୍ତି ହୋଇଛି । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଏହି ନୀତିକାନ୍ତି ବିଭ୍ରାଟ ନେଇ ତଦନ୍ତ ହେବ । ରିପୋର୍ଟ ଆଧାରରେ ନୀତିକାନ୍ତିରେ ଅବହେଳା କରିଥିବା ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି । ମନ୍ଦିରର ସ୍ୱତ୍ୱଲିପି ଆଧାରରେ ନୀତିକାନ୍ତି କରିବାପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ରାଣା କହିଛନ୍ତି ।

ଅନ୍ୟପକ୍ଷରେ ମହାପ୍ରଭୁ ଲିଙ୍ଗରାଜଙ୍କ ସେବା ପୂଜା ପାଇଁ ଯେଉଁ ସତ୍ତ୍ୱଲିପି ଅଛି ସେଥିରେ ଆଇନଗତ ସମସ୍ୟା ରହିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନମନ୍ତ୍ରୀଙ୍କ ଭୁବନେଶ୍ୱର ବାସଭବନରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁସାରେ ସମସ୍ୟାର ସମାଧାନ ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଜଣିକିଆ କମିଶନ ଗଠନ କରାଯିବ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, କମିଶନ ମନ୍ଦିରର ବିଭିନ୍ନ ନିଯୋଗ ନିକଟରେ ଥିବା ତଥ୍ୟ ସଂଗ୍ରହ କରି ସେବାୟତଙ୍କ ସହ ଆଲୋଚନା କରିବେ। ସେହିପରି ପୂର୍ବରୁ ଦାୟିତ୍ୱରେ ଥିବା ସେବାୟତମାନଙ୍କ କାର୍ଯ୍ୟର କମିଶନ

ତଦାରଖ କରି ଆସନ୍ତା ଦୁଇ ମାସ ମଧ୍ୟରେ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ।

*Desk*

# ଗଜପତି - ପୁଷ୍ୟାଭିଷେକ

ପୁରୀ ଶ୍ରୀନଅରରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବଙ୍କ ରାଜ୍ୟାଭିଷେକ ନୀତି ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ।  ପରମ୍ପରା ଅନୁଯାୟୀ, ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜ ସିଂହାସନ ଆରୋହଣ କରିବା ସହ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଶ୍ରୀନଅରରେ ଅଭିଷେକ ନୀତି ପୂର୍ବରୁ ବରୁଣ ପୂଜା, ପଞ୍ଚଦେବତା, ବଡ଼ଧନୀ କଳସୀ ଏବଂ ରାମାଭିଷେକ ପଟ୍ଟିପୂଜା କରାଯିବ । ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯିବ। ଏହି ଅବସରରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯିବାର ବିଧି ରହିଛି। ସେହିପରି ଗଜପତି ତାଙ୍କର ପାରମ୍ପରିକ ବେଶରେ ସିଂହାସନକୁ ବିଜେ କରିବା ପରେ ୧୬ ଶାସନ ବ୍ରାହ୍ମଣ ଏବଂ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବେ ।

*Sambalpur/R*

# ଗଜସାଥୀ

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ଓ ପରିବେଶ ବିଭାଗ ପକ୍ଷରୁ ସମ୍ବଲପୁର ଜିଲ୍ଲା ଧମା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଗଜସାଥୀମାନଙ୍କ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଧମା ବନାଞ୍ଚଳର ଗଜସାଥୀମାନଙ୍କୁ ସେମାନଙ୍କର ଦାୟିତ୍ୱ, ହାତୀ-ମଣିଷ ଲଢ଼େଇ କିପରି ରୋକାଯାଇପାରିବ, ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

*Ganjam/R*

# ଲକ୍ଷପତି ଦିଦି

ଗଞ୍ଜାମ ଜିଲ୍ଲା ଛତ୍ରପୁର ସଦର ମହକୁମାରେ ଲକ୍ଷପତି ଦିଦି ସୃଷ୍ଟି କରିବା ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜିଠାରୁ ଆରମ୍ଭ ହୋଇଛି । ଖଣି, ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶିବିରକୁ ଉଦ୍‌ଘାଟନ କରି ମହିଳାମାନେ କିପରି ସ୍ୱାବଲମ୍ବୀ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଲକ୍ଷପତି ଦିଦି ସୃଷ୍ଟି କରିବାପାଇଁ ପରାମର୍ଶ ଦେଇଥିଲେ । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାଏକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ, ଛତ୍ରପୁର ବ୍ଲକ୍‌ରେ ୬ ହଜାର ୯୦ ଜଣ ଲକ୍ଷପତି ଦିଦି ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

*Desk*

# ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ କୋରାପୁଟ ଜିଲ୍ଲାର ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ତୃତୀୟ ବର୍ଷର ସ୍ନାତକ ଛାତ୍ରୀ ଦେବସ୍ମିତା ବେନିଆଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ମିଳିଛି। ରାଷ୍ଟ୍ରପତିଙ୍କଠାରୁ ନିମନ୍ତ୍ରଣ ମିଳିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

*Desk*

# ୟୁ.ଜି.ସି. ନେଟ୍ ପରୀକ୍ଷା

ପୋଙ୍ଗଲ, ମକରସଂକ୍ରାନ୍ତି ଏବଂ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଜି ହେବାକୁ ଥିବା ୟୁଜିସି ନେଟ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଆୟୋଜିତ ଏହି ପରୀକ୍ଷା ଚଳିତମାସ ୨୧ ଏବଂ ୨୭ତାରିଖରେ ହେବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ତରଫରୁ କୁହାଯାଇଛି । ଅନ୍ୟପକ୍ଷରେ ଆସନ୍ତାକାଲି ହେବାକୁ ଥିବା

ୟୁଜିସି ନେଟ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

***Desk***

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆଜି ୟୁପି ରୁଦ୍ରର୍ସ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ।

ଅନ୍ୟପକ୍ଷରେ ବର୍ତ୍ତମାନ ରାଞ୍ଚି ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଜାରି ରହିଛି ।

*****